[2009] 3 S. C. R. 621

କେଶବ

ବନାମ

ଶିବାଜୀରାଓ ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 1178/2009)

ଫେବୃଆରୀ 24, 2009

**[ଡକ୍ଟର ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]**

*ଭାରତର ସମ୍ବିଧାନ, 1950 - ଅନୁଚ୍ଛେଦ 226 - ରିଟ୍ ଆବେଦନ - ନାମାଙ୍କନ ପତ୍ରର ବୈଧତା ସମ୍ବନ୍ଧରେ ପ୍ରସଙ୍ଗ - ନିର୍ବାଚନ କାର୍ଯ୍ୟକ୍ରମ ଏପର୍ଯ୍ୟନ୍ତ ଘୋଷଣା କରାଯାଇନଥିବାରୁ ଆବେଦନକାରୀଙ୍କ ନାମ ଭୋଟର ତାଲିକାରୁ ହଟାଇବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ - ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ପୂର୍ବରୁ ନିର୍ବାଚନ କାର୍ଯ୍ୟକ୍ରମ ପ୍ରକାଶିତ ହୋଇଥିଲା ବୋଲି ଆବେଦନକାରୀଙ୍କ ମାମଲା - ଉତ୍ତରଦାତାଙ୍କ ମାମଲା ଯେ ଆବେଦନକାରୀଙ୍କ ପଞ୍ଜୀକରଣ ସମୟସୀମା ଶେଷ ହେବା ପରେ ହୋଇଥିଲା - ଆବେଦନ ଉପରେ ନିର୍ଣ୍ଣୟ କରାଗଲା : ଆବେଦନକାରୀଙ୍କ ନାମାଙ୍କନ ପତ୍ର ଯାଞ୍ଚ କରାଯିବ - ନାମାଙ୍କନ ପତ୍ରର ବୈଧତା ନିର୍ଦ୍ଧାରଣ ସମ୍ବନ୍ଧରେ, ଉପଲବ୍ଧ ବୈଧାନିକ ପ୍ରତିକାର - ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରିଦିଆଯାଇଛି ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1178/2009 ।

ଡବ୍ଲ୍ୟୁ.ପି. ସଂଖ୍ୟା 74/2009 ରେ ଔରଙ୍ଗାବାଦ ସ୍ଥିତ ବମ୍ବେ ଉଚ୍ଚ ନ୍ୟାୟାଳୟର ତା 20.02.09 ରିଖର ଅନ୍ତିମ ରାୟ ଏବଂ ଆଦେଶରୁ ।

ଆବେଦନକାରୀ ପାଇଁ ୟୁ.ୟୁ. ଲଳିତ, ସୁଧାଂଶୁ, ଏସ୍. ଚୌଧୁରୀ, ଲକ୍ଷ୍ମୀକାନ୍ତ ପଟେଲ ଏବଂ ଅରୁନ୍ଧତୀ ସୁଖନ୍ତର୍ ।

ଉତ୍ତରଦାତାମାନଙ୍କ ପାଇଁ ଉଦୟ ବି. ଦୁବେ, କୁଳଦୀପ ସିଂହ, ଚିନ୍ମୋୟ ଏସ୍. ଖାଲଡକର ଏବଂ ଚନ୍ଦନ ରାମମୂର୍ତ୍ତି ।

**ନ୍ୟାୟମୂର୍ତ୍ତି, ଡକ୍ଟର ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

1. ବୋର୍ଡରେ ନିଷ୍ପତ୍ତି ନିଆଯାଇଥିଲା ।

2. ପକ୍ଷମାନଙ୍କ ତରଫରୁ ବିଦ୍ୱାନ ଓକିଲଙ୍କୁ ଶୁଣିଲୁ ।

3. ଅନୁମତି ପ୍ରଦାନ କରାଗଲା ।

4. ଏହି ଆବେଦନରେ ବମ୍ବେ ଉଚ୍ଚ ନ୍ୟାୟାଳୟର ଔରଙ୍ଗାବାଦ ବିଚାରପୀଠର ଜଣେ ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପାରିତ ଆଦେଶକୁ ଆପତ୍ତି କରାଯାଇଛି । ଆକ୍ଷେପିତ ଆଦେଶ ଦ୍ୱାରା, ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ ବର୍ତ୍ତମାନର ଆବେଦନକାରୀଙ୍କ ନାମ ଭୋଟର ତାଲିକାରୁ ହଟାଇ ଦିଆଯିବ । ଉଚ୍ଚ ନ୍ୟାୟାଳୟ ଏହି ରିଟ୍ ଆବେଦନକୁ ମୁଖ୍ୟତଃ ଏହି ଆଧାରରେ ଗ୍ରହଣ କରିଥିଲେ ଯେ ନିର୍ବାଚନ କାର୍ଯ୍ୟକ୍ରମ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ ।

5. ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଉପସ୍ଥାପନ କରିଥିଲେ ଯେ ନିର୍ବାଚନ କାର୍ଯ୍ୟକ୍ରମ 17 ଫେବୃଆରୀ, 2009ରେ ପ୍ରକାଶିତ ହୋଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରୁ ଜଣାପଡ଼େ ଯେ ଏହି ମାମଲା ତା11.2.2009 ରିଖରେ ଆଦେଶ ପାଇଁ ସଂରକ୍ଷିତ ଥିଲା ଏବଂ ତା 20.2.2009 ରିଖରେ ରାୟ ଦିଆଯାଇଥିଲା ।

6. ନିର୍ବାଚନ କାର୍ଯ୍ୟକ୍ରମର ବିବରଣୀରୁ ଏହା ଜଣାପଡୁଛି ଯେ ନାମାଙ୍କନ ପତ୍ର ଗ୍ରହଣ କରିବାର ଶେଷ ତାରିଖ 24.2.2009 ଏବଂ ନାମାଙ୍କନ ପତ୍ର ଯାଞ୍ଚ କରିବାର ଶେଷ ତାରିଖ 25.2.2009 ଏବଂ ନାମାଙ୍କନ ପତ୍ର ପ୍ରକାଶନର ତାରିଖ 26.2.2009 । ନିର୍ବାଚନ ତାରିଖ ହେଉଛି 29.3.2009 ଏବଂ ଗଣନା ତାରିଖ ହେଉଛି 30.3.2009 ।

7. ଉତ୍ତରଦାତା ପାଇଁ ବିଦ୍ୱାନ ଓକିଲ ଉପସ୍ଥାପନ କରିଥିଲେ ଯେ ଆବେଦନକାରୀଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ନୁହେଁ କାରଣ ଭୋଟ ଗ୍ରହଣର ଶେଷ ତାରିଖ 30.6.2007 ଏବଂ ଆବେଦନକାରୀ 14.7.2007 ଅର୍ଥାତ୍ ଭୋଟ ଗ୍ରହଣର ଶେଷ ତାରିଖ ପରେ ପଞ୍ଜୀକୃତ ହୋଇଥିଲେ ।

8. ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ କହିଛନ୍ତି ଯେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ବ୍ୟାଖ୍ୟା ସଠିକ୍ ନୁହେଁ ।

9. ଆମେ ଯେଉଁ ଆଦେଶ ପାରିତ କରିବାକୁ ପ୍ରସ୍ତାବ ଦେଉଛୁ ତାହାକୁ ଦୃଷ୍ଟିରେ ରଖି ଆମକୁ ଏହି ପ୍ରଶ୍ନକୁ ବିଚାର କରିବାକୁ ପଡିବ । ଆବେଦନକାରୀଙ୍କ ନାମାଙ୍କନ ପତ୍ରକୁ ଯାଞ୍ଚ କରାଯାଉ । ନାମାଙ୍କନ ପତ୍ରର ଗ୍ରହଣଯୋଗ୍ୟତା ଉପରେ ଆପତ୍ତି ଉଠାଇବାକୁ ଉତ୍ତରଦାତାଙ୍କ ପାଇଁ ଏହା ଉନ୍ମୁକ୍ତ । ଆମେ ଏହା ସ୍ପଷ୍ଟ କରୁଛୁ ଯେ ନାମାଙ୍କନ ପତ୍ରର ବୈଧତା କିମ୍ବା ଅନ୍ୟ କୌଣସି ବିଷୟରେ ଆମେ କୌଣସି ମତ ପ୍ରକାଶ କରିନାହୁଁ । କହିବା ଅନାବଶ୍ୟକ ଯେ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆପତ୍ତି, ଯଦି କିଛି ଥାଏ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା କୌଣସି ମନ୍ତବ୍ୟ ଦ୍ୱାରା ପ୍ରଭାବିତ ନହୋଇ ଏହାର ଉପଯୁକ୍ତ ଦୃଷ୍ଟିକୋଣରେ ବିଚାର କରାଯିବ । ଏହାବ୍ୟତୀତ, ଯଦି କୌଣସି ବ୍ୟକ୍ତିଙ୍କର ନାମାଙ୍କନ ପତ୍ରର ବୈଧତା ନିର୍ଦ୍ଧାରଣ ସମ୍ବନ୍ଧରେ କୌଣସି ଅଭିଯୋଗ ଥାଏ, ତେବେ ଉପଲବ୍ଧ ବୈଧାନିକ ପ୍ରତିକାରର ଉପାୟ ଅବଲମ୍ବନ କରାଯାଇପାରିବ । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରିଦିଆଯାଇଛି ।

10. ସେହି ଅନୁଯାୟୀ ଆବେଦନଟିର ସମାଧାନ କରାଯାଇଛି ।

ଏନ୍.ଜେ. ଆବେଦନଟିର ସମାଧାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।